**ଭାରତୀୟ ଜନତା ପାର୍ଟି**

**କେନ୍ଦ୍ରୀୟ କାର୍ଯ୍ୟାଳୟ**

**୧୧, ଅଶୋକ ରୋଡ଼, ନୂଆଦିଲ୍ଲୀ-୧୧୦୦୦୧**

**ତା.୧୫.୦୩.୨୦୧୩**

**ବି.ଜେ.ପି ର ଜାତୀୟ ଅଧ୍ୟକ୍ଷ ଶ୍ରୀ ରାଜନାଥ ସିଂହଙ୍କ ସୀମା ପାର ଆତଙ୍କବାଦ ନେଇ ପ୍ରେସ ବଜ୍ଞପ୍ତି ।**

ଭା.ଜ.ପା, ପାକିସ୍ତାନ ପାର୍ଲିଆମେଣ୍ଟରେ ଆଫଜଲ ଗୁରୁର ଫାଶୀ ଦେବା ନେଇ ଗ୍ରହଣ କରାଯାଇଥିବା ଚୁକ୍ତିକୁ ତୀବ୍ର ଭାବରେ ନିନ୍ଦା କରେ ଓ ଭାରତର ଅଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରି ପାକିସ୍ତାନ ଆମ ଦେଶ ସହ ସମସ୍ତ ପ୍ରକାରର କୂଟନୈତିକ ବ୍ୟାପାରକୁ ନଷ୍ଟ କରିଦେଇଛି ବୋଲି ଜାତୀୟ ଅଧ୍ୟକ୍ଷ ଶ୍ରୀ ରାଜନାଥ ସିଂହ ପ୍ରକାଶ କରିଥିଲେ । ସେଠାକାର ଜାତୀୟ ବିଧାନ ସଭାରେ ଏପରି ପ୍ରସ୍ତାବ ଗୃହୀତ ହେବା ପରେ ଦେଶରେ ଘଟୁଥିବା ସମସ୍ତ ପ୍ରକାରର ଆତଙ୍କବାଦ କାର୍ଯ୍ୟ କଳାପ ପାକିସ୍ତାନ ଦ୍ୱାରା କରାଯାଉଅଛି ବୋଲି ସ୍ପଷ୍ଟ ହୁଏ ।

ଦୁର୍ଭାଗ୍ୟ ବଶତଃ ଆମ ଦକ୍ଷତା ବିହୀନ କେନ୍ଦ୍ର ସରକାରଙ୍କର ଉକ୍ତ ଆତଙ୍କବାଦ ବିରୋଧୀ କାର୍ଯ୍ୟ କଳାପ ନେଇ କୌଣସି ପଦକ୍ଷେପ ମଧ୍ୟ ନାହିଁ । ଯଦି ସେ ଏ ଦିଗରେ କୌଣସି ସୁଚିନ୍ତିତ ପଦକ୍ଷେପ ଗ୍ରହଣ କରେ, ତେବେ ବି.ଜେ.ପି ତାହାକୁ ପୂରା ସମର୍ଥନ ଦେବ । ମାତ୍ର ସରକାର ଆତଙ୍କବାଦ ବିରୋଧରେ କୌଣସି ପଦକ୍ଷେପ ଗ୍ରହଣ ନକରି ଆମକୁ ତଥା ଏ ଦେଶର ଜନତାଙ୍କୁ ନିରୁତ୍ସାହିତ କରୁଛନ୍ତି ।

ବର୍ତ୍ତମାନ ଦେଶରେ ଘଟିଯାଇଥିବା ଦାରୁଣ ଘଟଣାମାନ ଯେପରି ଆମ ବୀର ସୈନିକ ମାନଙ୍କ ଶିରଚ୍ଛେଦ, ହାଇଦ୍ରାବାଦର ବୋମା ବିସ୍ଫୋରଣ ଓ ଶ୍ରୀ ନଗର ସି.ଆର.ପି.ଏଫ କ୍ୟାମ୍ପରେ ହୋଇଥିବା ଆକ୍ରମଣ ଆଦି ଉ.ପା ସରକାରଙ୍କର ସୀମାପାର ଆତଙ୍କବାଦକୁ ରୋକିବା ଅସାମର୍ଥ୍ୟତାକୁ ସ୍ପଷ୍ଟ ପ୍ରମାଣିତ କରେ । ଏଭଳି ଆତଙ୍କରୁ ଜନତାଙ୍କୁ ବଞ୍ଚାଇବାକୁ ମଧ୍ୟ ସରକାରଙ୍କର କୌଣସି ଦୃଷ୍ଟାନ୍ତ ଯୋଗ୍ୟ ପଦକ୍ଷେପ ନାହିଁ ।

ଶ୍ରୀ ନଗର ଉପରେ ଆକ୍ରମଣ ପରେ ପରେ ହିଁ ଭାରତ ପାକିସ୍ତାନ ସହ ସମସ୍ତ ପ୍ରକାରର କୂଟନୈତିକ ସମ୍ପର୍କ ଛିନ୍ନ କରିବାକୁ ବି.ଜେ.ପି ଦାବି କରେ । ୨୦୦୪ ମସିହାରେ ପାକିସ୍ତାନ ଯେଉଁ ପ୍ରତିଶ୍ରୁତି ଦେଇଥିଲା ତାହାର ମାଟି ଉପରେ କୌଣସି ଆତଙ୍କବାଦ କାର୍ଯ୍ୟ କଳାପ ହେବ ନାହିଁ । ତେଣୁ ବର୍ତ୍ତମାନ ସାମୟିକ ଭାବରେ କନଫିଡ଼େନ୍ସ ବିଲ୍ଡିଙ୍ଗ ମେଜରର୍ସ(ସି.ବି.ଏମ)କୁ ସ୍ଥଗିତ ରଖାଯାଉ ।

ଯଦି ପାକିସ୍ତାନ ଉଗ୍ରବାଦ କାର୍ଯ୍ୟ କଳାପକୁ ପ୍ରୋତ୍ସାହିତ କରିବା କାର୍ଯ୍ୟ କଳାପକୁ ବନ୍ଦ ନକରେ, ତେବେ ଭାରତ ତାହାର ଇସଲାମାବାଦର ହାଇ କମିଶନରଙ୍କୁ ଡ଼ କାଇବ । ଉ.ପା ସରକାରଙ୍କର ନୀତି ନିୟମ ଯୋଗୁଁ ହିଁ ଆତଙ୍କବାଦୀ ମାନେ ଉତ୍ସାହିତ ହେଉଛନ୍ତି । ଯଦି ସେ ବର୍ତ୍ତମାନଠାରୁ ଆତଙ୍କବାଦ ଦଳକୁ ନିୟନ୍ତ୍ରଣ ନ କରେ ତେବେ ୨୦୧୪ ମସିହାରେ ଆଫଗାନିସ୍ତାନ ଉପରୁ ଏନ.ଏ.ଟି.ଓ ସୁରକ୍ଷା ହଟାଯିବା ପରେ ସମସ୍ୟା ଆହୁରି ଗମ୍ଭୀର ହୋଇଯିବ ।

ବି.ଜେ.ପି ବିଶ୍ୱାସ କରେ କି, ବର୍ତ୍ତମାନ ପ୍ରଥମେ ଦେଶର ସେନା ସୁରକ୍ଷାକୁ ସଶକ୍ତ କରିବା ଆବଶ୍ୟକ । ତାଙ୍କୁ ଅଧିକ ସୁବିଧା ଯୋଗାଇବା ସହ ଆଧୁନିକ ଅସ୍ତ୍ର ଶସ୍ତ୍ର ଯୋଗାଇବା ଦ୍ୱାରା ଉକ୍ତ ଅଞ୍ଚଳ ମାନଙ୍କରେ ଶାନ୍ତି ସ୍ଥାପିତ ହୋଇ ପାରିବ ।

ବି.ଜେ.ପି ପାକିସ୍ତାନ ପାର୍ଲିଆମେଣ୍ଟର ଉକ୍ତ ପ୍ରସ୍ତାବକୁ ଅଖି ଆଗରେ ରଖି ଭାରତର ପାର୍ଲିଆମେଣ୍ଟରେ ତାକୁ ନିନ୍ଦା କରି ଏକ ସର୍ବସମ୍ମତି ପ୍ରସ୍ତାବ ଗୃହିତ କରାଇବାକୁ ଦାବି କରେ । ଯେଉଁଥିରେ ଦେଶର ଆତଙ୍କବାଦ ବିରୋଧରେ କରୁଥିବା ଲଢ଼େଇ ଆହୁରି ସ୍ପଷ୍ଟ ହୋଇ ପାରିବ ଏବଂ ଉକ୍ତ ପ୍ରସ୍ତାବ ପଧାନ ମନ୍ତ୍ରୀଙ୍କ ଦ୍ୱାରା ହିଁ ଗୃହୀତ ହେବ ।

ବର୍ତ୍ତମାନ ସମୟ ଆସିଛି କି, ପାକିସ୍ତାନକୁ ନିଜର ଦିଶା ବଦଳାଇବାକୁ ବାଧ୍ୟ କରିବାର । ଯଦି ଉ.ପା ସରକାର ନିଜର ଦକ୍ଷ କୂଟନୀତି ପ୍ରୟାଗ କରିବାକୁ ଅସମର୍ଥ ହେବେ ତେବେ ପାକିସ୍ତାନ ତାହାର ଆତଙ୍କବାଦ କାର୍ଯ୍ୟ କଳାପ ଆହୁରି କରିଚାଲିବ ଓ ଦେଶ ପୁଣି ଲହୁ ଲୁହାଣ ହୋଇ ଚାଲିବ ।

**ଓ.ପି.କୋହଲି**

**ମୁଖ୍ୟାଳୟ ପ୍ରମୁଖ**